ପ୍ରମେୟ
THE PRAMEYA
ଶୁକ୍ରବାର,
୨୨ ଜୁଲାଇ ୨୦୧୬



# ଆଜି ଆଇଆଇଟି ନବମ ପ୍ରତିଷ୍ଠା ଦିବସ

## ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ପଦ୍ମଶ୍ରୀ ପ୍ରଫେସର କୋଟା ହରିନାରାୟଣ

ଭୁବନେଶ୍ୱର, ୨୧।୭(ବ୍ୟୁରୋ): ଆସନ୍ତା କାଲି ଆଇଆଇଟି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି) ତା'ର ନବମ ପ୍ରତିଷ୍ଠା ଦିବସ ପାଳନ କରିବ। ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ 'ତେଜସ୍' ହାଲୁକା ଲଢୁଆ ବିମାନର ମୁଖ୍ୟ ଡିଜାଇନର୍ ପଦ୍ମଶ୍ରୀ ପ୍ରଫେସର କୋଟା ହରିନାରାୟଣ ଯୋଗ ଦେବେ। ଆଇଆଇଟି ଭୁବନେଶ୍ୱର ୨୦୦୮ ମସିହା ଜୁଲାଇ ୨୨ ତାରିଖରେ ପଞ୍ଜିକୃତ ହୋଇଥିଲା। ଯାହା ୮ଟି ନୂଆ ଆଇଆଇଟିଗୁଡିକ ମଧ୍ୟରୁ ପ୍ରଥମ ଆଇଆଇଟି ଭାବେ ୨୦୦୮ ଜୁଲାଇ ୨୩ରୁ କାର୍ଯ୍ୟକ୍ଷମ ହୋଇଥିଲା। ପ୍ରଥମ ବର୍ଷ କେବଳ ସିଭିଲ୍, ମେକାନିକାଲ୍ ଓ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। ଆଇଆଇଟି ଖଡଗପୁରର ଭୁବନେଶ୍ୱରସ୍ଥିତ କ୍ୟାମ୍ପସ୍‌ରେ ମାତ୍ର ୯୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଶିକ୍ଷାନୁଷ୍ଠାନ ତା'ର ଯାତ୍ରା ଆରମ୍ଭ କରିଥିଲା।




୯ବର୍ଷ ମଧ୍ୟରେ ଭୁବନେଶ୍ୱର ଆଇଆଇଟିର କଳେବର ବୃଦ୍ଧି ପାଇଛି। ଅସ୍ଥାୟୀ କ୍ୟାମ୍ପସ୍‌ରୁ ଅରଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସ୍‌କୁ ଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ସମସ୍ତ ଥିଓରି କ୍ଲାସ୍ ସ୍ଥାୟୀ କ୍ୟାମ୍ପସ୍‌ରେ ହେଉଥିବା ବେଳେ କେବଳ ୨ଟି ପ୍ରାକ୍ଟିକାଲ୍ କ୍ଲାସ୍ ବାହାରେ କରାଯାଉଛି। ତେବେ ୨୦୧୬-୧୭ ଶିକ୍ଷା ବର୍ଷରେ ସିଭିଲ୍, ମେକାନିକାଲ୍, କମ୍ପ୍ୟୁଟର୍ ସାଇନ୍ସ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂ ଓ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ୪୦ଟି ସିଟ୍‌ରେ ପଢାଯିବ। ସେହିପରି ମେଟାଲର୍ଜିକାଲ୍ ଓ ମେଟେରିଆଲ୍ସ ଇଞ୍ଜିନିୟରିଂରେ ମାତ୍ର ୨୦ଟି ସିଟ୍ ଥିବା ବେଳେ ୪ଟି ୫-ବର୍ଷିଆ ଡୁଆଲ୍ ଡିଗ୍ରୀ କୋର୍ସ ପ୍ରଦାନ କରାଯାଉଛି। କେମେଷ୍ଟ୍ରି, ଜିଓଲୋଜି, ମ୍ୟାଥ୍‌ମେଟିକ୍ସ, ଫିଜିକ୍ସ ଓ ଆଟମୋସ୍ଫିୟର୍ ଆଣ୍ଡ ଓସେନ୍ ସାଇନ୍ସେସ୍‌ରେ ଜଏଣ୍ଟ ଏମଏସସି ଓ ପିଏଚ୍‌ଡି ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ୮ଟି ବିଭାଗରେ ଏମଟେକ୍ ଶିକ୍ଷାଦାନ କରାଯାଉଛି। ଆଇଆଇଟି ଭୁବନେଶ୍ୱର ୨୦୧୯ରୁ ଅରଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସ୍‌ରେ ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ନିର୍ଦ୍ଦେଶକ ପ୍ରଫେସର ରତ୍ନମ ବରଦା ରାଜକୁମାର ସୂଚନା ଦେଇଛନ୍ତି।